# Akashvani, Sambalpur

## SAMBALPURI NEWS EVENING BULLETIN

## 9 August 2026-7.02- 7.12 pm.

---

୧- ଭୁବ୍‌ନେଶ୍ୱର୍ ଠାନେ ଘରେ ଘରେ ତ୍ରିରଙ୍ଗା ଅଭିଯାନ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ପରିବେଶ୍ ଅନୁକୂଳ ତ୍ରିରଙ୍ଗା ଉତ୍ସବ୍ ଲାଗି କଲେ ନିବେଦନ୍ ।

୨- ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ନିଯୁକ୍ତି ମେଳାଥି ନୂଆକରି ଚାକିରୀ ପାଇଥିବା ପ୍ରାର୍ଥୀମାନ୍‌କୁ ନିଯୁକ୍ତି ପତ୍ର ଦେବେ ମୁଖ୍ୟମନ୍ତ୍ରୀ ।

୩- ଭାରତ୍ ଛାଡ୍ ଆନ୍ଦୋଲନ୍‌କେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ଅଗଷ୍ଟ କ୍ରାନ୍ତି ଦିବସ୍ ।

ଆଉର୍

୪- ଲଘୁଚାପ ପ୍ରଭାବଥି ଘଡ଼ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି ୧୧ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ ବିଜ୍ଞାନ୍ କେନ୍ଦ୍ର ।

ଘରେ ଘରେ ତ୍ରିରଙ୍ଗା ଅଭିଯାନ୍      ଭୁବ୍‌ନେଶ୍ୱର୍/ ସମ୍ବଲପୁର

ତ୍ରିରଙ୍ଗା ଶହେ ୪୦ କୋଟି ଭାରତୀୟଙ୍କର୍ ସ୍ୱାଭିମାନ୍ ଆଉ ଗୌରବ୍‌ର ପ୍ରତୀକ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ରାଜ୍ୟସ୍ତରୀୟ ଘରେ ଘରେ ତ୍ରିରଙ୍ଗା ଅଭିଯାନ୍‌ର ଶୁଭାରମ୍ଭ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ୧୯୪୨ ମସିହା ଅଗଷ୍ଟ ମାସର୍ ୯ ତାରିଖ୍ ମୁମ୍ବାଇର୍ ଅଗଷ୍ଟ କ୍ରାନ୍ତି ମଇଦାନ୍ ନ ମୁଲ୍ ହେଇଥିବା ଭାରତ୍ ଛାଡ଼୍ ଆନ୍ଦୋଲନ୍ ସ୍ୱାଧୀନତା ସଂଗ୍ରାମ୍‌କେ ନୂଆଁ ଦିଗ୍‌ଦର୍ଶନ୍ ଦେଇଥିଲା । ଜାତୀୟ ପତାକାର୍ କେଶରୀ ରଙ୍ଗ- ସାହସ୍ ଆଉ ତ୍ୟାଗ, ଧୋପ୍ ରଙ୍ଗ ଶାନ୍ତି ଆଉ ସତ୍ୟ, ଶାଗୁଆ ରଙ୍ଗ ସମୃଦ୍ଧି ଆଉ ଅଶୋକ୍ ଚକ୍ର  ସବୁବେଲେ କର୍ତବ୍ୟ ପଥ୍‌ଥି ଆଗ୍‌କେ ଚାଲ୍‌ବାର୍ ଶିକ୍ଷା ଦେସି । ତ୍ରିରଙ୍ଗା ଫି' ନାଗରିକଙ୍କର୍ ମନ୍ ଭିତ୍‌ରେ ଦେଶ୍ ପ୍ରେମ୍ ସ୍ୱାଭିମାନ୍ ଆଉ ଏକତାର୍ ନୂଆଁ ରଙ୍ଗ ଭରିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍‌ଥି ମୁଲ୍ ହେଇଥିବା ଇ ଅଭିଯାନ୍ ସାରା ଦେଶେ ଗୁଟେ ଗଣଆନ୍ଦୋଲନ୍‌ଥି ବଦ୍‌ଲିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ୯ ନୁ ୧୭ ତାରିଖ୍‌ତକ୍ ରାଜ୍ୟର୍ ଫି' ଘର୍, ଅନୁଷ୍ଠାନ୍, ଆଉ ଗାଁ ନୁ ସହର୍‌ତକ୍ ସବୁ ଜାଗା ନ ତ୍ରିରଙ୍ଗା

ପତାକା ଉଡ଼େଇକରି ଇ ଜାତୀୟ ପର୍ବକେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ସମ୍‌କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, ବିକଶିତ୍ ଭାରତ୍ -୨୦୪୭ ସଂକଳ୍ପଥି ଓଡ଼ିଶାର୍ ଭୂମିକା ସବୁନୁ ନିର୍ଣ୍ଣାୟକ୍ ହେବା । ରାଜ୍ୟର୍ ଚାଷୀ, ଶ୍ରମିକ୍, ଯୁବବର୍ଗ, ସ୍ୱାବଲମ୍ବୀ ମହିଳାଙ୍କର୍ ଅବଦାନ୍ ଲାଗି ଓଡ଼ିଶା ଦେଶର୍ ଆର୍ଥିକ୍ ଆଉ ଶିଳ୍ପ ବିକାଶ୍‌ର ପ୍ରମୁଖ ଇଞ୍ଜିନ୍ ହେବା । ସ୍ୱାଧୀନତା ଦିବସ୍ ଅବ୍‌ସରେ ଦେଶର୍ ସୁରକ୍ଷାଥି ନିୟୋଜିତ୍ ଥିବା ବୀର୍ ସୈନିକ୍ ଆଉ ପୁଲିସ୍ କର୍ମଚାରୀମାନ୍‌କର୍ ପରିବାର୍ ବର୍ଗଙ୍କୁ ଗୌରବ୍‌ର ସହେତେ ସମ୍ମାନିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ସାଧାରଣ୍ ଲୁକ୍‌କୁ ପରାମର୍ଶ ଦେଇଛନ୍ । ପରିବେଶ୍ ଅନୁକୂଲ୍ ତ୍ରିରଙ୍ଗା ଉତ୍ସବ୍ ପାଲନ୍ ଲାଗି ମୁଖ୍ୟମନ୍ତ୍ରୀ ଲୁକ୍‌କୁ ନିବେଦନ୍ କରିଛନ୍ । ଇ ଅବ୍‌ସରେ ପ୍ଲାଷ୍ଟିକ୍ ପତାକା ବଦ୍‌ଲା କପ୍‌ଡ଼ା ତିଆରି ତ୍ରିରଙ୍ଗା ପତାକା ଘରେ ଘରେ ଉଡ଼ାବାର୍‌କେ ମୁଖ୍ୟମନ୍ତ୍ରୀ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ଆୟୋଜିତ୍ ପଦଯାତ୍ରାଥି ଛାତ୍ରଛାତ୍ରୀ ଆଉ ବହୁତ୍ ଅନ୍ତର୍ଜାତୀୟ ଖେଲାଲି ସାମିଲ୍ ହେଇଥିଲେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜସ୍ୱ

ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଘରେ ଘରେ ତ୍ରିରଙ୍ଗା ଅଭିଯାନ୍ ଅବ୍ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ସମ୍ବଲ୍ପୁର୍ ରିଜର୍ଭ ପୁଲିସ୍ ପଡ଼ିଆନୁ ଗୁଟେ ଶୋଭାଯାତ୍ରା ସମ୍ବଲ୍ପୁର୍ ସହରର୍ ମୁଖ୍ୟ ରାସ୍ତା ଦେଇକରି ଜେଲ୍ ଛକ୍ ନ ପହଁଚିଥିଲା । ଇ କାର୍ଯ୍ୟକ୍ରମ୍ ସ୍କୁଲ୍ ଛାତ୍ରଛାତ୍ରୀ ଆଉ ସାଧାରଣ୍ ଲୁକେ ଯୋଗ୍ ଦେଇକରି ପଦଯାତ୍ରାଥି ସାମିଲ୍ ହେଇଥିଲେ । କାର୍ଯ୍ୟକ୍ରମ୍ଥି ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ପଦଯାତ୍ରାଥି ସାମିଲ୍ ହେଇଥିଲେ । ଇ ଅବ୍ସରେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ଯୋଗ୍ ଦେଇକରି କହିଛନ୍,

(ଭଏସ୍ ଓଭର୍-ପଂଚାୟତିରାଜ୍ମନ୍ତ୍ରୀ)

ତ୍ରିରଙ୍ଗା ରେଲି-ବଲାଙ୍ଗିର ହି.ସ.

ବଲାଙ୍ଗିର୍ ଜିଲ୍ଲା ଆଗଲ୍ପୁର୍ ବ୍ଲକ୍ ନ ଆଏଜ୍ ଗୁଟେ ବିଶାଲ୍ ତ୍ରିରଙ୍ଗା ରେଲିର୍ ଆୟୋଜନ୍ କରାଯାଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇଥି ଯୋଗ୍ ଦେଇକରି ଦେଶ୍ଭକ୍ତିର୍ ଭାବ୍ନାଥି ଲୁକ୍କର୍ ଉତ୍ସାହକେ ପ୍ରଶଂସା କରିଥିଲେ ।

ନିଯୁକ୍ତି ମେଳା        ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ମଂଚେଶ୍ୱର୍ ନ ଥିବା ରେଲ୍ ଅଡ଼ିଟୋରିୟମ୍ ନ ଆଏବା କାଏଲ୍ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ଥି ନିଯୁକ୍ତି ପାଇଥିବା ପ୍ରାର୍ଥୀ ମାନ୍କର୍ ଲାଗି ନିଯୁକ୍ତି ମେଳାର୍ ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନବନିଯୁକ୍ତ ଅଧିକାରୀମାନ୍କୁ ନିଯୁକ୍ତିପତ୍ର ବାଂଟ୍ବେ ।

ଧାନ୍ ପଞ୍ଜିକରଣ୍ -କୃଷ୍ଣଚନ୍ଦ୍ର ପାତ୍ର          ଆର୍ଏନ୍ୟୁ/ କଟକ୍

ରାଏଜେ ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାଥି କେନ୍ସି ପ୍ରକାର୍ ଜଟିଳତା ନାଇଁନ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ପଞ୍ଜିକରଣ୍ ପ୍ରକ୍ରିୟା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା । ଦର୍‌କାର୍ ହେଲେ ଇ ସମିଆକେ ଆଉ ଅଏତ୍‌କା ବଢ଼ାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଜମି ପଟ୍ଟାର ଆର୍.ଓ.ଆର୍ ଦାଖଲ୍ ଉତ୍‌ରୁ ୨ ଦିନ୍ ଭିତ୍‌ରେ ପ୍ରମାଣ୍‌ପତ୍ର ଦିଆଯିବା । ଜରୁରୀ କାଗଜ୍‌ପତର୍ ଦାଖଲ୍ କରିକରି ଭାଗ୍‌ଚାଷୀମାନେ ପଞ୍ଜିକରଣ୍ କରିପାର୍‌ବେ । ସର୍‌କାର୍ ସବୁ ଚାଷୀମାନ୍‌କର୍‌ନୁ ଧାନ୍ ଘିନ୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।
(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଗଙ୍ଗାଧର ଜୟନ୍ତୀ-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ କାଳଜୟୀ ରଚନା ଓଡ଼ିଆ ଅସ୍ମିତା ଆଉ ଜାତୀୟ ଚେତନାର୍ ପ୍ରତୀକ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ବିଧାନ୍‌ସଭା ପାଖେ ଥିବା ତାଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ,

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ବିଧାୟକ୍ ଆଉ ସଂସ୍କୃତି ବିଭାଗ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଅଗଷ୍ଟ କ୍ରାନ୍ତି ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଦେଶର୍ ସ୍ୱାଧୀନତା ସଂଗ୍ରାମର ସବୁନୁ ବଡ଼ ବ୍ରିଟିଶ ବିରୋଧୀ ଆନ୍ଦୋଲନ୍ ଆଝିର୍ ଦିନେ ମୁଲ୍ ହେଇଥିଲା । ଆଝିର୍ ଆନ୍ଦୋଲନ୍କେ ଅଗଷ୍ଟ କ୍ରାନ୍ତି ଦିବସ୍ ଭାବେ ସାରା ଦେଶେ ପାଲନ୍ କରାଯାଉଛେ । ୧୯୪୨ ମସିହା ଆଝିର୍ ଦିନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର୍ ଭାରତ୍ଛାଡ଼୍ ଆନ୍ଦୋଲନ୍ ଡାକ୍ରାଥି ସାରା ଦେଶେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧ୍ ନ ଦେଶ୍ବାସୀ ଜୋର୍ଦାର୍ ଉଲ୍ଗୁଲାନ୍ କରିଥିଲେ ।

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ୍ଛାଡ଼୍ ଆନ୍ଦୋଲନ୍ଥି ଭାଗ୍ ନେଇଥିବାର୍ ବୀର ସ୍ୱାଧୀନତା ସଂଗ୍ରାମୀମାନ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ କହିଛନ୍, ସ୍ୱାଧୀନତା ସଂଗ୍ରାମୀମାନ୍କର୍ ଅସୀମ ସାହସ୍ ଆଉ ତ୍ୟାଗ ଦେଶ୍ବାସୀଙ୍କର୍ ମନ୍ ଭିତ୍ରେ ଦେଶାତ୍ମବୋଧକ୍ ଭାବ୍ନାକେ

ଉଜାଗର୍ କରିଥିଲା । ଜାତିର ଜନକ ମହାତ୍ମାଗାନ୍ଧୀଙ୍କର୍ ନେତୃତ୍ୱଥି ଭାରତ୍ ଛାଡ୍ ଆନ୍ଦୋଲନ୍‌ର ଡାକ୍‌ରା ଦେଶର୍ ସ୍ୱାଧୀନତା ସଂଗ୍ରାମ୍‌କେ ବହୁତ୍ ତାକତ୍ ମିଲିଥିଲା । ଉପନିବେଶ୍‌ବାଦୀ ଶାସନ୍‌ନୁ ମୁକ୍ତି ପାଏବାର୍ ଲାଗି ଭାରତୀୟମାନ୍‌କର୍ ଅତୁଟ ସଂକଳ୍ପକେ ଇଟା ପ୍ରତିଫଳିତ୍ କରସି ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଅଗଷ୍ଟ କ୍ରାନ୍ତି ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ଦେଶର୍ ବୀର୍ ସେନାନୀମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଅଗଷ୍ଟ କ୍ରାନ୍ତି ଦିବସ୍ ଅବ୍‌ସରେ କାର୍ଯ୍ୟକ୍ରମ୍ ମାନ୍ ପାଲନ୍ କରାଯାଉଛେ ।

ଜନଜାତି ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର

'ଜନଜାତି ଧାତ୍ରୀଙ୍କୁ ସମ୍ମାନ୍- ଜୀବନ୍ ଆଉ କଲ୍ୟାଣ୍‌ର ସୁରକ୍ଷା' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଜନଜାତି ଦିବସ୍ । ପୁର୍‌ଥିର୍ ଭିନ୍ ଭିନ୍ ଦେଶର୍ ଜନଜାତି ଲୁକ୍‌କର୍ ଅଧିକାର୍ ଆର୍ ସୁରକ୍ଷା ବାବ୍‌ଦେ ସଚେତନତା ସୃଷ୍ଟି

କର୍‌ବାର୍‌କେ ଜାତିସଂଘର୍ ସାଧାରଣ ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଇ ଦିନ୍ ପାଲନ୍ କରାଯାଉଛେ । ୧୯୮୨ ମସିହା ଜେନେଭା ଠାନେ ଆୟୋଜିତ ଜନଜାତି ଜନସଂଖ୍ୟା ସମ୍ପର୍କିତ ପହେଲା ଜାତିସଂଘ କାର୍ଯ୍ୟକାରିଣୀ ବୈଠକ୍‌ଥି ଇ ଦିବସ୍‌କେ ସ୍ୱିକୃତୀ ଦିଆଯାଇଥିଲା । ଜାତିସଂଘ ତର୍‌ଫୁ ୧୯୯୪ ମସିହା ଡିସେମ୍ବର୍ ମାସେ ଜନଜାତି ମାନ୍‌କର୍ ସୁରକ୍ଷାକେ ପ୍ରାଧାନ୍ୟ ଦେଇକରି ଇ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ଗୃହିତ୍ ହେଇଥିଲା ।

ସାଧାରଣ୍ ବଂଟନ୍ ବୌଦ୍ଧ ସମ୍ବାଦଦାତା

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ସଚିବ ବି. ପରମେଶ୍ୱରନ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । ଶ୍ରୀ ପରମେଶ୍ୱରନ୍ ଜିଲ୍ଲା ନ ସାଧାରଣ୍ ବଂଟନ୍ ବ୍ୟବସ୍ଥାର୍ ସ୍ଥିତି ଅନୁଧ୍ୟାନ୍ କର୍‌ବାର୍ ସହେତେ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ ।

ସଚେତନତା ଅଭିଯାନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ତରବୋଡ଼ର ଜବାହାର୍ ନବୋଦୟ ବିଦ୍ୟାଳୟ ନ ସ୍ୱଚ୍ଛତା, ପରିବେଶ୍ ସୁରକ୍ଷା ଆଉ ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ୍ ହେଇଯାଇଛେ । ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଛାତ୍ରଛାତ୍ରୀମାନ୍‌କୁ ପରିବେଶ୍ ସୁରକ୍ଷା ଆଉ ବର୍ଜ୍ୟବସ୍ତୁର ସଠିକ୍ ପରିଚାଲନାକେ ନେଇକରି ସଚେତନ୍ କରେଇଥିଲେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆଉ ତାର୍ ପାଖର୍ ଝାର୍‌ଖଣ୍ଡ ଉପ୍‌ରେ ସୃଷ୍ଟି ହେଇଥିବା ଲଘୁଚାପ୍ କ୍ଷେତ୍ର ପ୍ରଭାବ୍‌ଥି ରାଏଜେ ଆଏବା ୧୪ ତାରିଖ୍‌ତକ୍ ବର୍ଷା ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ଜବର୍ ବର୍ଷା ହେବା ବଲି ୧୧ ଟା ଜିଲ୍ଲାକେ ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ

ସୂଚ୍ନା ଜାରି କରାଯାଇଛେ । ଇତାର୍ସହେତେ ବାକି ସବୁ ଜିଲ୍ଲା ନ ଚଢ଼କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଆଏବା ୧୨ ତାରିଖ୍ ଆଡ଼େ ଆଉ ଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।